# NATIONAL NEWS BULLETIN (ODIA)
## 14 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲିଠାରୁ ୩ ଦିନିଆ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆସନ୍ତା ୧୭ ତାରିଖରୁ ସମଗ୍ର ଦେଶରେ ପାଳନ ହେବ ସ୍ୱଚ୍ଛତା ହିଁ ସେବା ଅଭିଯାନ ।
- ସମସ୍ତ ଭାଷାକୁ ମଜବୁତ କରିପାରିଲେ, ଏକ ମଜବୁତ ଦେଶ ନିର୍ମାଣ ହୋଇପାରିବ, କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।
- ଓଡ଼ିଶାରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ପରିବାରର ସମସ୍ତ ଯୋଗ୍ୟ ମହିଳା ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯିବ, କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଏବଂ

- ପୁରୁଷ ଏସିଆ କପ୍ ହକି ଚାମ୍ପିୟନସିପ୍ ପ୍ରତିଯୋଗିତାର ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କଲା ଭାରତ ।

# ପିଏମ୍-ଥ୍ରି ଡେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ୩ ଦିନିଆ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ । ଆସନ୍ତାକାଲି ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ସେଗୁଡ଼ିକ ମଧ୍ୟରେ ଟାଟାନଗର ବନ୍ଦେ ଭାରତ ଟ୍ରେନ୍ ରହିଥିବା ଜଣାପଡ଼ିଛି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଟାଟାନଗରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୨୦ ହଜାର ଗ୍ରାମୀଣ ଉପଭୋକ୍ତାଙ୍କୁ ପି.ଏମ୍. ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିବେ ।

ସୋମବାର ଦିନ ପ୍ରଧାନମନ୍ତ୍ରୀ ପି.ଏମ୍. ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ହିତାଧିକାରୀମାନଙ୍କ ସହ ଗୁଜରାଟର ଗାନ୍ଧିନଗର ଠାରେ କଥାବାର୍ତ୍ତା କରିବେ । ଗାନ୍ଧିନଗରର ମହାତ୍ମା ମନ୍ଦିରରେ ପ୍ରଧାନମନ୍ତ୍ରୀ ଚତୁର୍ଥ ବିଶ୍ୱ ପୁନଃବ୍ୟବହାରକ୍ଷମ ଶକ୍ତି ପୁଞ୍ଜିନିବେଶକାରୀଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦୀ ଅହମ୍ମଦାବାଦ ମେଟ୍ରୋ  ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ମେଟ୍ରୋ ଟ୍ରେନ୍‌ରେ ଗିଫ୍ଟ ସିଟି ପର୍ଯ୍ୟନ୍ତ ଯାତ୍ରା କରିବେ । ସେହିଦିନ ସନ୍ଧ୍ୟାରେ ଅହମ୍ମଦାବାଦରେ ଶ୍ରୀ

ମୋଦୀ ୮ ହଜାର କୋଟିରୁ ଅଧିକ ଟଙ୍କାର ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

୧୭ ତାରିଖ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବେ ଏବଂ ଭୁବନେଶ୍ୱରଠାରେ ୩ ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ସ୍ୱଚ୍ଛତା ସେବା ଅଭିଯାନ

ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳନ କରାଯିବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ଚଳିତ ବର୍ଷ ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନର ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି, ଏହି ଅଭିଯାନ ପାଳନ ଅବସରରେ ସମଗ୍ର ଦେଶରେ ୨ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲା ସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ

କରାଯିବା ନେଇ ବ୍ୟବସ୍ଥା ହୋଇଛି । ସଫାଇ ମିତ୍ର ସୁରକ୍ଷା ଶିବିରମାନ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ ପରିମଳ ସଂକ୍ରାନ୍ତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏହି ଅବସରରେ କହିଛନ୍ତି, ୨୦୧୪ ମସିହାରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୧୧ କୋଟି ଶୌଚାଳୟ ନିର୍ମାଣ କରାଯାଇ ସାରିଛି । ଏହାଦ୍ୱାରା ୬୦ କୋଟି ଲୋକ ଉପକୃତ ହୋଇଛନ୍ତି ।

# ପିଏମ୍-ଜେ.କେ.ରାଲି

ଜାମ୍ମୁ କାଶ୍ମୀରରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନ ଏହି କେନ୍ଦ୍ରାଞ୍ଚଳର ଭବିଷ୍ୟତ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଜାମ୍ମୁ କାଶ୍ମୀରର ଡୋଡା ସ୍ଥିତ ସ୍ପୋର୍ଟ୍ସ ଷ୍ଟାଡିୟମ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସୁରକ୍ଷିତ ଏବଂ ବିକାଶୋନ୍ମୁଖୀ  ଜାମ୍ମୁ କାଶ୍ମୀର ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି । କେତେକ ରାଜନୈତିକ ଦଳଙ୍କ ପରିବାର ସୁରକ୍ଷା ରାଜନୀତି ଯୋଗୁଁ ଜାମ୍ମୁ କାଶ୍ମୀରର ଶିଶୁ ଏବଂ ଯୁବବର୍ଗ ଅବହେଳିତ ହେଉଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଜାମ୍ମୁ କାଶ୍ମୀରର ପ୍ରତ୍ୟେକ ଶିଶୁଙ୍କର ଉନ୍ନତ ଶିକ୍ଷା

ପାଇବାର ଅଧିକାର ରହିଛି । ବିଜେପି ସରକାର ଏଥିପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଗଠନ କରି ଡୋଡାରେ ପ୍ରସ୍ତାବିତ ମେଡିକାଲ କଲେଜ ସାକାର ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ଇଣ୍ଡିଆ-ଜି-୨୦ ଏଗ୍ରିକଲଚର ମିଟ୍

ଖାଦ୍ୟ ସୁରକ୍ଷା ଏବଂ ପୋଷଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତ ବିଶ୍ୱର ସର୍ବବୃହତ୍ ଖାଦ୍ୟଭିତ୍ତିକ ନିରାପତ୍ତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି । ବ୍ରାଜିଲର କୁଇଆବାଠାରେ ଅନୁଷ୍ଠିତ ଜି-୨୦ କୃଷି ମନ୍ତ୍ରିସ୍ତରୀୟ ବୈଠକକୁ ଆଜି ସମ୍ବୋଧନ କରି କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଏହା କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ କୃଷି ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । କୃଷିଜୀବୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ସରକାର ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି । ସାମାଜିକ, ନିରନ୍ତର ପରିବେଶ, କୃଷି ସମୃଦ୍ଧି ଆଦି କ୍ଷେତ୍ରରେ ସରକାରଙ୍କର ପ୍ରତିବଦ୍ଧତା ଉପରେ ମନ୍ତ୍ରୀ ଶ୍ରୀ ଠାକୁର ଆଲୋକପାତ କରିଛନ୍ତି ।

# ଶାହା-ରାଜଭାଷା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶକୁ ଏକଜୁଟ ରଖିବା କ୍ଷେତ୍ରରେ ହିନ୍ଦୀ ଭାଷା ଅଭୂତପୂର୍ବ ଭୂମିକା ନିର୍ବାହ କରୁଛି । ସେ କହିଛନ୍ତି ହିନ୍ଦୀ ଏବଂ ଅନ୍ୟ ଭାଷା ମଧ୍ୟରେ କୌଣସି ପ୍ରତିଯୋଗିତା ହେଉନାହିଁ । ଆଜି ନୂଆଦିଲ୍ଲୀରେ ରାଜଭାଷା ହୀରକ ଜୟନ୍ତୀ ସମାରୋହ ଏବଂ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ସମସ୍ତ ଭାଷାକୁ ମଜବୁତ କରିପାରିଲେ, ଏକ ମଜବୁତ ଦେଶ ନିର୍ମାଣ ହୋଇପାରିବ । ସେ କହିଛନ୍ତି ଜାତୀୟ ଶିକ୍ଷାନୀତିରେ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଛି ।

ଆଜି ହିନ୍ଦୀ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ।

ଶ୍ରୀ ଶାହା କହିଛନ୍ତି ୧୯୪୯ ମସିହା ଆଜିର ଦିନରେ ଭାରତର ସମ୍ବିଧାନ ସଭା ହିନ୍ଦୀ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିଥିଲେ ।

ଶ୍ରୀ ଶାହା କହିଛନ୍ତି ହିନ୍ଦୀ ଦିବସ ୭୫ ବର୍ଷ ପୂରଣ କରିଛି ଏବଂ ହିନ୍ଦୀକୁ ସରକାରୀ ଭାଷା ଭାବେ ଗ୍ରହଣ କରିବାର ହୀରକ ଜୟନ୍ତୀ ପାଳନ କରାଯାଉଛି । ଶ୍ରୀ ଶାହା କହିଛନ୍ତି ସମସ୍ତ ଭାରତୀୟ ଭାଷା ଆମ ଦେଶ ପାଇଁ ଗୌରବ ଏବଂ ଐତିହ୍ୟର ଭାଷା ପାଲଟିଛି । ସେହି ଭାଷାଗୁଡ଼ିକୁ ସମୃଦ୍ଧ କରିପାରିଲେ ବିକାଶ ଲକ୍ଷ୍ୟ ହାସଲ ହୋଇପାରିବ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ବିଶ୍ୱସ୍ତରରେ ହିନ୍ଦୀ ଭାଷାର ଗୁରୁତ୍ୱ ବିଷୟରେ କହିଛନ୍ତି ।

## ପ୍ରଭାତୀ ପରିଡ଼ା–ଆକାଶବାଣୀ

ଓଡ଼ିଶାରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ପରିବାରର ସମସ୍ତ ଯୋଗ୍ୟ ମହିଳା ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଆଜି ଆକାଶବାଣୀ କଟକ କେନ୍ଦ୍ର ପରିସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରିବା ପରେ ସେ ଏହା କହିଛନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସି ଯୋଜନାର ଶୁଭାରମ୍ଭ କରିବେ । ସେ କହିଛନ୍ତି, **V/O**

## ମୁମ୍ବାଇ-ୱାକ ଅପ ବିଲ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜଜ୍ଜୁ କହିଛନ୍ତି, ଦେଶରେ  ବିଜ୍ଞାନ, ଶିଳ୍ପ, ଆଇନ ଏବଂ କ୍ରୀଡା କ୍ଷେତ୍ରରେ ପାର୍ସୀ ସମ୍ପ୍ରଦାୟଙ୍କର ଯଥେଷ୍ଟ ଅବଦାନ ରହିଛି । ମୁମ୍ବାଇଠାରେ ପାର୍ସୀ ଐତିହ୍ୟ ପର୍ଯ୍ୟବେଶିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ରିଜିଜ୍ଜୁ ଦେଶରେ ପାର୍ସୀ ସମ୍ପ୍ରଦାୟ ଲୋକସଂଖ୍ୟା  ହ୍ରାସକୁ ଦୃଷ୍ଟିରେ ରଖି ସରକାର ଜିଓ ପାର୍ସୀ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଛନ୍ତି । ଗଣମାଧ୍ୟମ ସହ ଆଲୋଚନା ବେଳେ  ସେ କହିଛନ୍ତି, ୱାକଅଫ ସଂଶୋଧନ ବିଲ୍ ନେଇ କୌଣସି ମିଥ୍ୟା ପ୍ରଚାରକୁ ବରଦାସ୍ତ କରାଯିବ ନାହିଁ । ସେ କହିଛନ୍ତି, ଏଥିପାଇଁ ପ୍ରସ୍ତୁତ ଯୁଗ୍ମ ସଂସଦୀୟ କମିଟି, ପ୍ରସ୍ତାବିତ ସଂଶୋଧନ ନେଇ ବିଭିନ୍ନ ବ୍ୟକ୍ତି ଏବଂ ଅନୁଷ୍ଠାନଠାରୁ ମତାମତ ଗ୍ରହଣ କରୁଛନ୍ତି ।

## ଜାମ୍ମୁ କାଶ୍ମୀର-ଆତଙ୍କବାଦୀ

ଜାମ୍ମୁ କାଶ୍ମୀରର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି । କିସ୍ତୱ୍ୱର, ଉଧମପୁର, ପୁଞ୍ଚ୍ ଏବଂ ରାଜୌରୀ ଜିଲ୍ଲାରେ ଏହି ଅଭିଯାନ କରାଯାଇଛି । ସମ୍ପ୍ରତି ଆତଙ୍କବାଦୀଙ୍କ ସହ ସୁରକ୍ଷାକର୍ମୀଙ୍କ ଗୁଳି ବିନିମୟ ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାଯାଇଛି । ଜମ୍ମୁର

ଆକାଶବାଣୀ ସମ୍ବାଦଦାତା କହିଛନ୍ତି, ଆଜି ଦ୍ୱିତୀୟ ଦିନ ପାଇଁ କିସ୍ତୱାର ଜିଲ୍ଲା ଅନ୍ତର୍ଗତ ଚତ୍ରୋ ଅଞ୍ଚଳର ପିଙ୍ଗନାଲ ଦୁଗଡ୍ଡା ଜଙ୍ଗଲାଞ୍ଚଳରେ ମିଳିତ ତଲାସୀ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସେଠାରେ ଏକ ବଡ ଅଞ୍ଚଳକୁ ଘେରାଉ କରାଯାଇ ଡ୍ରୋନ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ମାଧ୍ୟମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ତଲାସୀ କରାଯାଇଥିଲା । ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ଅନ୍ଧାର ଏବଂ ଘଞ୍ଚ ଅଞ୍ଚଳର ସୁଯୋଗ ନେଇ ଆତଙ୍କବାଦୀମାନେ ଲୁଚି ଯାଇଛନ୍ତି । ଉଧମପୁର ଜିଲ୍ଲାର ବସନ୍ତଗଡ ଅଞ୍ଚଳର ଖଣ୍ଡାରା ଟପ୍, କୁଦୱା ଏବଂ ରାଇଚକ୍ ଆଦି ସ୍ଥାନରେ ତଲାସୀ ଅଭିଯାନ ଚାଲିଛି । ସେହିଭଳି ରାଜରୌ ଜିଲ୍ଲାର ନୌସେରା ଓ ଥାନାମଣ୍ଡି ଏବଂ ପୁଞ୍ଚ୍ ସୁରାନ୍ କୋଟେ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଥିବା ଆକାଶବାଣୀ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ସ୍ପୋର୍ଟ୍ସ ରାଉଣ୍ଡ ଅପ୍

ପୁରୁଷ ଏସିଆ କପ୍ ହକି ଚାମ୍ପିୟନସିପ୍ ପ୍ରତିଯୋଗିତାର ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଭାରତ ପାକିସ୍ତାନକୁ ୨-୧ ଗୋଲରେ ହରାଇ ଦେଇଛି । ଚୀନର ହୁଲୁନବ୍ୟୁର୍ ଚାଲିଥିବା ଏହି ପ୍ରତିଯୋଗିତାର ଆଜିର ମ୍ୟାଚରେ ପାକିସ୍ତାନ ପକ୍ଷରୁ ଅହମ୍ମଦ ନଦିମ୍ ଖେଳର ୮ମିନିଟ୍‌ରେ

ଗୋଲକରି ପାକିସ୍ତାନ ପାଇଁ ଉତ୍ସାହ ସୃଷ୍ଟି କରିଥିଲା । ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ ପେନାଲଟି କର୍ଣ୍ଣର ଜରିଆରେ ଦୁଇଟି ଗୋଲସ୍କୋର କରି ଭାରତକୁ ବିଜୟ ଦେଇଥିଲେ । ଏହି ବିଜୟ ସହ ଭାରତ ଅପରାଜୟ ଭାବେ ତାଲିକାର ଶୀର୍ଷସ୍ଥାନ ହାସଲ କରିଛି । ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତ ସହ ପାକିସ୍ତାନ ଏବଂ କୋରିଆ ଉନ୍ନୀତ ହୋଇଛନ୍ତି । ତେବେ ଚୀନ ଏବଂ ଜାପାନ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲର ଚତୁର୍ଥ ଦଳ ଜଣାପଡିବ । ଆସନ୍ତା ସୋମବାର ଦିନ ସେମିଫାଇନାଲ ଏବଂ ମଙ୍ଗଳବାର ଦିନ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

## ବ୍ୟାଡମିଣ୍ଟନ

ଭିଏତନାମ୍ ଓପନ ସୁପର ହଣ୍ଡ୍ରେଡ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସେମିଫାଇନାଲ ପର୍ଯ୍ୟାୟରୁ ଭାରତୀୟ ଯୋଡି ଓହରି ଯାଇଛନ୍ତି । ଚମତ୍କାର ଖେଳ ପ୍ରଦର୍ଶନ କରି ଭାରତ ଧ୍ରୁବ କପିଳା ଏବଂ ତନସା କ୍ରାଷ୍ଟୋ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ତେବେ କପିଳାଙ୍କର ଅସୁସ୍ଥତା କାରଣରୁ ଏହି ଯୋଡି ସେମିଫାଇନାଲ ପର୍ଯ୍ୟାୟରୁ ଓହରି ଯାଇଥିଲେ । ସେମିଫାଇନାଲ ପର୍ଯ୍ୟାୟରେ ଏହି ଯୋଡି ଇଣ୍ଡୋନେସିଆର

ଅଦନାନ୍ ମୌଲାନା ଏବଂ ଇନ୍ଦା କହୟାସରିଜାମିଲଙ୍କ ଯୋଡିକୁ ଭେଟିବାର ଥିଲା ।